# ପଞ୍ଚାୟତ ସମିତି କାର୍ଯ୍ୟାଳୟ,ବାରକୋଟ

ସଂଖ୍ୟା ୪୧୬୮ ତା ୨୯.୧୦.୨୦୨୪ ରିଖ

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାରକୋଟ ପଞ୍ଚାୟତ ସମିତି ଅନ୍ତର୍ଗତ ବିଜୟନଗର ଗ୍ରାମ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜଣେ "ଯୋଗାଣ ସହାୟକ" ନିଯୁକ୍ତ କରାଯିବ । ଏଣୁ ବିଜୟନଗର ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ନିମ୍ନପ୍ରଦତ୍ତ ଦରଖାସ୍ତ ଫର୍ମରେ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

**ଆବେଦନକାରୀଙ୍କ ଯୋଗ୍ୟତା:**

୧. ପ୍ରାର୍ଥୀ ବିଜୟନଗର ଗ୍ରାମ ପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨. ପ୍ରାର୍ଥୀ ଅତି କମ୍ ରେ ଗ୍ରାଜୁଏଟ ହୋଇଥିବା ଆବଶ୍ୟକ ।

୩. ପ୍ରାର୍ଥୀଂକର ବୟସ ତା ୨୯.୧୦.୨୦୨୪ ରିଖ ସୁଦ୍ଧା ୨୧ ବର୍ଷରୁ କମ୍ କିମ୍ବା ୩୫ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ ।

**ଚୟନ ପଦ୍ଧତି**

ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାଟ୍ରିକ୍ୟୁଲେସନ, +୨, ଗ୍ରାଜୁଏସନ ପରୀକ୍ଷାରେ ଉପଲବ୍ଧ ପାଶ୍ ନମ୍ବରର ଯଥାକ୍ରମେ ୩୦%, ୩୦% ଓ ୪୦% ହାର(weightage)କୁ ନେଇ ଅଗ୍ରାଧିକାର କ୍ରମତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନରେ ଥିବା ଆବେଦନକାରୀଙ୍କୁ ଉପ-ଜିଲ୍ଲାପାଳ, ଦେବଗଡଙ୍କ ଅନୁମୋଦନ କ୍ରମେ ନିୟୋଜିତ କରାଯିବ ।

**ପାରିତୋଷିକ**

ନିୟୋଜିତ ଯୋଗାଣ ସହାୟକ ମାସିକ ସର୍ବାଧିକ ଟ. ୮,୦୦୦/- ପାରିତୋଷିକ(Honorarium)ପାଇବେ । ମାତ୍ର ଏହି ପାରିତୋଷିକ ଗ୍ରାମ ପଞ୍ଚାୟତ ସାଧାରଣ ବଣ୍ଟନ ବ୍ୟବସ୍ଥା ରୁ ପାଉଥିବା ମୋଟ କମିଶନ ଅର୍ଥ ର ୮୦ ପ୍ରତିଶତ ରୁ ଅଧିକ ହେଉନଥିବ ।

**ଆବେଦନ ସହ ଆବଶ୍ୟକୀୟ ପ୍ରମାଣପତ୍ର:**

ଆବେଦନକାରୀମାନେ ଆବେଦନ ପତ୍ର ସହିତ ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ ନିଜର ଦସ୍ତଖତ ସହ ଦାଖଲ କରିବେ ।

୧. ମାଟ୍ରିକ୍ୟୁଲେସନ, +୨ ଓ ଗ୍ରାଜୁଏସନ ପରୀକ୍ଷାର ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ଓ ମାର୍କସିଟ୍ ।

୨. ତହସିଲଦାରଙ୍କ ଠାରୁ ପ୍ରାପ୍ତ ସଦ୍ୟ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।

୩. ଏକ(୧) ଗୋଟି ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ ।

୪. ନିଜ ଠିକଣା ଉଲ୍ଲେଖଥିବା ଓ ପ୍ରତ୍ୟେକରେ ୫୦ ଟଙ୍କାଲେଖାଏଁ ଡାକଟିକେଟ ଲାଗିଥିବା ଦୁଇଗୋଟି(୨) ୨୫ ସେ.ମି. X ୧୨ ସେ.ମି. ସାଇଜର ଲଫାପା ।

ଦରଖାସ୍ତ ଫର୍ମ ଓ ତତ୍ ସଂଲଗ୍ନ ପ୍ରମାଣପତ୍ର ଥିବା ଲଫାପା ଉପରେ "ବିଜୟନଗର ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର" ତାହା ଉଲ୍ଲେଖଥିବା ଆବଶ୍ୟକ।

**ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ**

ଉପରୋକ୍ତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନ ପତ୍ର ତା ୨୭.୧୧.୨୦୨୪ ରିଖ ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ, ଜିଲ୍ଲା: ଦେବଗଡ, ଓଡିଶା-୭୬୮୧୧୦ ଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି/ ଶୀଘ୍ରଡାକ (Registered/Speed Post) ଯୋଗେ ପହଞ୍ଚିବା ଆବଶ୍ୟକ । ଉକ୍ତ ତାରିଖ ପରେ ପ୍ରାପ୍ତ ହୋଇଥିବା ଆବେଦନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ ।

**ପ୍ରମାଣପତ୍ର/ଦସ୍ତାବିଜର ମୂଳ ନକଲ ତନଖି**

ଯୋଗାଣ ସହାୟକ ପଦବୀ ନିମନ୍ତେ ଆବେଦନକାରୀଙ୍କର ସମସ୍ତ ପ୍ରମାଣପତ୍ର/ଦସ୍ତାବିଜର ମୂଳ ନକଲ (ORIGINAL) ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. ୩୦.୧୧.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ ଆବଶ୍ୟକ ପ୍ରମାଣପତ୍ର/ଦସ୍ତାବିଜ ର ମୂଳ ନକଲ ସହ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନହେଲେ ଆବେଦନକାରୀଙ୍କ ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।

ବି.ଦ୍ର. ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ଆବେଦନକାରୀଙ୍କ ଆବେଦନ କିମ୍ବା ଚୟନ ପ୍ରକ୍ରିୟା ଓ ନିଯୁକ୍ତି କୁ ବିନା ସର୍ତ୍ତରେ କୌଣସି କାରଣ ନଦର୍ଶାଇ ଖାରଜ କିମ୍ବା ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

# ଯୋଗାଣ ସହାୟକ ନିମନ୍ତେ ଅବେଦନ ପତ୍ର

1) ଅବେଦନ କରୁଥିବା ଗ୍ରାମ ପଞ୍ଚାୟତ ର ନାମ : ବିଜୟନଗର

2) ଆବେଦନକାରୀଙ୍କ ନାମ :

3) ପିତାଙ୍କ ନାମ :

4) ସ୍ଥାୟୀ ଠିକଣା :

ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍

5) ଯୋଗାଯୋଗ ଠିକଣା :

6) ଜାତୀୟତା :

7) ଧର୍ମ :

8) ଲିଂଗ :

9) ଜନ୍ମ ତାରିଖ :

10) ଶିକ୍ଷାଗତ ଯୋଗ୍ୟତା :

| ଉତ୍ତୀର୍ଣ୍ଣ ହୋଇଥିବା ପରିକ୍ଷା | ବୋର୍ଡ଼/ ବିଶ୍ୱବିଦ୍ୟାଳୟ | ଉତ୍ତୀର୍ଣ୍ଣ ହୋଇଥିବା ବର୍ଷ | ଉତ୍ତୀର୍ଣ୍ଣ ଶ୍ରେଣୀ | ପୂର୍ଣ୍ଣ ନମ୍ବର | ରଖିଥିବାନମ୍ବର | ଶତକଡା |
|---|---|---|---|---|---|---|
| ମାଟ୍ରିକ୍ୟୁଲେସନ୍ | | | | | | |
| +2 | | | | | | |
| ଗ୍ରାଜୁଏସନ | | | | | | |

11) ମୋବାଇଲ୍ ନମ୍ବର୍ :

12) ଇ-ମେଲ୍ ଠିକଣା :

## ଘୋଷଣା

ମୁଁଏତଦ୍ୱାରାଘୋଷଣା କରୁଅଛି କି , ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ତଥ୍ୟାବଳୀ ମୋ ଜ୍ଞାତସାରରେ ସଠିକ୍ ଅଟେ । ଯଦି ଭବିଷ୍ୟତ ରେ ଏହା ଭୁଲ୍ ପ୍ରମାଣିତ ହୁଏ, ସେଥିପାଇଁ ମୁଁ ଆଇନତଃ ଦାୟୀ ରହିବି ।

ସ୍ଥାନ:
ତାରିଖ:

ଅବେଦନକାରୀଙ୍କ ସ୍ୱାକ୍ଷର

ପରିପତ୍ରସଂଖ୍ୟା ୪୧୩୯ ତା ୨୫.୧୦.୨୪ ରିଖ

ଏହାର ଏକକିତା ନକଲ ପଞ୍ଚାୟତ ସମିତି ନୋଟିସ୍ ବୋର୍ଡ଼ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ରସଂଖ୍ୟା ୪୧୪୦ ତା ୨୫.୧୦.୨୪ ରିଖ

ଏହାର ଏକକିତା ନକଲ ବିଜୟନଗର ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ଓ ବିଧି କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଏବଂ ଗ୍ରାମ ପଞ୍ଚାୟତ ର ନୋଟିସ୍ ବୋର୍ଡ଼ ରେ ତଥା ସମସ୍ତ ୱାର୍ଡ ନୋଟିସ୍ ବୋର୍ଡ଼ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ରସଂଖ୍ୟା ୪୧୪୧ ତା ୨୫.୧୦.୨୪ ରିଖ

ଏହାର ଏକକିତା ନକଲ ତହସିଲଦାର, ବାରକୋଟ / ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଦେବଗଡ/ଜିଲ୍ଲା ପଞ୍ଚାୟତ ଅଧିକାରୀ, ଦେବଗଡଙ୍କ ଅବଗତି ଓ ବିଧି କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଏବଂ ତାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ ରେ ସର୍ବସାଧାରଣଙ୍କଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ରସଂଖ୍ୟା ୪୧୪୨ ତା ୨୫.୧୦.୨୪ ରିଖ

ଏହାର ଏକକିତା ନକଲ DeGM, ଦେବଗଡ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଦେବଗଡ ଜିଲ୍ଲା ୱେବସାଇଟ ରେ ସର୍ବସାଧାରଣଙ୍କ ଅଦ୍ୟ ତାରିଖ ଠାରୁ ତା ୨୭.୧୧.୨୦୨୪ ରିଖ ପର୍ଯ୍ୟନ୍ତ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ରସଂଖ୍ୟା ୪୧୪୩ ତା ୨୫.୧୦.୨୪ ରିଖ

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଦେବଗଡ /ଉପ-ଜିଲ୍ଲାପାଳ,ଦେବଗଡଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ ରେ ସର୍ବସାଧାରଣଙ୍କଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ

ପରିପତ୍ରସଂଖ୍ୟା ୪୧୪୪ ତା ୨୫.୧୦.୨୪ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ,ଦେବଗଡଙ୍କ ସଦୟ ଅବଗତି ତଥା ବିଧି କାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାରକୋଟ